# NATIONAL NEWS BULLETIN (ODIA)
## 25 January-2025
### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱ ସୁବି ଆଣ୍ଟୋଙ୍କ ମଧ୍ୟରେ ଆଜି ହେବ ଆଲୋଚନା
- ଆକାଶବାଣୀର ସମସ୍ତ ନେଟଓ୍ୱର୍କରେ ଆଜି ରାତି ୧୦ଟାରେ ପ୍ରସାରଣ ହେବ ସର୍ବଭାଷା କବି ସମ୍ମିଳନୀ
- ସାରା ଦେଶରେ ଆଜି ପାଳିତ ହେଉଛି ପଞ୍ଚଦଶ ଜାତୀୟ ଭୋଟର ଦିବସ

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ଆଜି ସନ୍ଧ୍ୟାରେ ଖେଳାଯିବ ଦ୍ୱିତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍

## ପ୍ରେସ୍-ଆଡ୍ରେସ୍ ଆର୍.ଡେ

୭୬ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ସନ୍ଧ୍ୟା ୭ଟାରୁ ଆକାଶବାଣୀର ସମସ୍ତ ଜାତୀୟ ନେଟୱର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ପ୍ରଥମେ ହିନ୍ଦୀ ଏବଂ ପରେ ଇଂରାଜୀରେ ପ୍ରସାରଣ ହେବ । ଦୂରଦର୍ଶନରେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରସାରଣ ପରେ ଆଞ୍ଚଳିକ ଚ୍ୟାନେଲ୍ ଗୁଡ଼ିକ ଦ୍ୱାରା ଆଞ୍ଚଳିକ ଭାଷାରେ ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟୱର୍କରେ ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ ।

## ଇଣ୍ଡିଆ-ଇଣ୍ଡୋନେସିଆ ଟକ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱ ସୁବି ଆଣ୍ଟୋଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀରେ ଆଲୋଚନା ହେବ । ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କର ବ୍ୟାପକ ସମୀକ୍ଷା କରିବା ସହ ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ମତ ବିନିମୟ କରିବେ । ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ଅନେକ ଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଆଶା କରାଯାଉଛି ।

ଇଣ୍ଡୋନେସିଆ ରାଷ୍ଟ୍ରପତି ସୁବି ଆଣ୍ଟୋ ଗତ ଗୁରୁବାରଠାରୁ ଚାରିଦିନିଆ ଭାରତ ଗସ୍ତରେ ଆସିଛନ୍ତି ।

ଆଜି ସକାଳେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ପରେ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସହ ସେ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି। ସନ୍ଧ୍ୟାରେ ଶ୍ରୀ ସୁବି ଆଣ୍ଟୋ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ । ଆସନ୍ତାକାଲି ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ୭୬ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଷ୍ଟ୍ରପତି ସୁବି ଆଣ୍ଟୋ ମୁଖ୍ୟଅତିଥି ଭାବେ ଯୋଗଦେବେ ।

ଗତବର୍ଷ ଅକ୍ଟୋବର ମାସରେ ଦାୟିତ୍ୱ ଗ୍ରହଣ କରିବା ପରେ ରାଷ୍ଟ୍ରପତି ସୁବି ଆଣ୍ଟୋଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଉଭୟ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଛି । ଭାରତର ଆକ୍ଟ ଇଷ୍ଟ୍ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଦୃଷ୍ଟିକୋଣରେ ଏକ ପ୍ରମୁଖ ରଣନୈତିକ ସହଯୋଗୀ ଭାବରେ ଇଣ୍ଡୋନେସିଆ ଉଭା ହୋଇଛି ।

## ମହାକୁମ୍ଭ-କ୍ରାଉଡ୍ ମ୍ୟାନେଜ୍‌ମେଣ୍ଟ

ଚଳିତ ମହାକୁମ୍ଭ ମେଳାରେ ଆସନ୍ତା ୨୯ ତାରିଖରେ ମଉନୀ ଅମାବାସ୍ୟା ପଡୁଥିବାରୁ ପ୍ରାୟ ୧୦କୋଟି ଶ୍ରଦ୍ଧାଳୁଙ୍କ ସମାବେଶ ହେବ ବୋଲି ଉତ୍ତରପ୍ରଦେଶ ସରକାର ଆକଳନ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ଓ ଭିଡ଼କୁ ଦକ୍ଷତାର ସହ ପରିଚାଳନା କରିବା ନିମନ୍ତେ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିପାଇଁ ମହାକୁମ୍ଭ ମେଳାକୁ ୫ଟି ଜୋନ୍ ଓ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଛି । ମେଳା ପ୍ରଶାସନ ପକ୍ଷରୁ ମଉନୀ ଅମାବାସ୍ୟାରେ ଯେଭଳି ଶ୍ରଦ୍ଧାଳୁମାନେ ସୁରକ୍ଷିତ ଚଳପ୍ରଚଳ କରିପାରିବେ ଓ ଅମୃତ ସ୍ନାନ କରିବେ, ସେନେଇ ପଦକ୍ଷେପ ଗ୍ରହଣ କରାଯାଉଛି । କୁମ୍ଭମେଳା ସମୟରେ ପବିତ୍ର ସ୍ନାନ ବିଧିର ଗୁରୁତ୍ୱ ରହିଛି ।

ସୂଚନା ଅନୁଯାୟୀ, ଶ୍ରଦ୍ଧାଳୁମାନେ ଯେଉଁ ସେକ୍ଟର ଓ ଜୋନ୍‌ରେ ସ୍ନାନ କରି ଫେରିବେ, ତାହା ସୁନିଶ୍ଚିତ କରିବାକୁ ମେଳା ପ୍ରଶାସନ' ଅଧିକାରୀମାନଙ୍କୁ କହିଛି । କୌଣସି ପରିସ୍ଥିତିରେ ଶ୍ରଦ୍ଧାଳୁମାନଙ୍କୁ ସଂଗମ ଦ୍ୱାର କିମ୍ବା ଅନ୍ୟ ଜୋନ୍‌କୁ ଯିବାକୁ ଅନୁମତି ଦିଆଯିବ ନାହିଁ । ଚଳିତମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସଂଗମ ଦ୍ୱାର ପର୍ଯ୍ୟନ୍ତ ଯାତାୟାତ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।  ଚଳିତଥର ସହଜରେ ସ୍ନାନ କରିବା ଲାଗି ୧୨ କିଲୋମିଟର ଲମ୍ବର ଘାଟ ନିର୍ମାଣ କରାଯାଇଛି । ଶ୍ରଦ୍ଧାଳୁମାନଙ୍କୁ ସେମାନଙ୍କ ପ୍ରବେଶପଥ ନିକଟସ୍ଥ ଘାଟରେ ସ୍ନାନ କରିବାକୁ

ପଡ଼ିବ । ଘାଟ ଗୁଡ଼ିକରେ ଭିଡ଼ ପରିଚାଳନା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ମୁତୟନ କରାଯିବ ।

ଅନ୍ୟପକ୍ଷରେ ଘାଟ ଗୁଡ଼ିକରେ ବ୍ୟାରିକେଡିଂ କରାଯିବା ସହ ୱାଚ୍ ଟାୱାର, ୱାଟର ପୋଲିସ୍, ଶୌଚାଳୟ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପୋଷାକ ପରିବର୍ତ୍ତନ କକ୍ଷ ଆଦିର ବ୍ୟବସ୍ଥା କରାଯାଇଛି ।

## ମହାକୁମ୍ଭ-ଡ୍ରୋନ୍ ଶୋ’

ଉତ୍ତରପ୍ରଦେଶର ପ୍ରୟାଗରାଜର ମହାକୁମ୍ଭ ନଗରର ସେକ୍ଟର ୭ରେ ଗତକାଲିଠାରୁ ୩ ଦିନିଆ ଡ୍ରୋନ୍ ଶୋ’ ଆରମ୍ଭ ହୋଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଶୋ’ରେ ଶହଶହ ଡ୍ରୋନ୍ ବିଭିନ୍ନ ଆଲୋକିତ ଦୃଶ୍ୟ ସୃଷ୍ଟି କରିଥିଲେ । ଅମୃତ କଳସ ଓ ସମୁଦ୍ର ମନ୍ଥନ ସହିତ ଦେବଦେବୀଙ୍କ ଚିତ୍ରଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଡ୍ରୋନ୍ ଶୋ’ ଜରିଆରେ ମହାକୁମ୍ଭର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଷୟବସ୍ତୁକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇ ପ୍ରଦର୍ଶନ କରାଯାଉଥିବା ଜଣାପଡ଼ିଛି ।

## ଆକାଶବାଣୀ ପୋଏଟ୍ରି

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଆକାଶବାଣୀର ବହୁଚର୍ଚ୍ଚିତ କାର୍ଯ୍ୟକ୍ରମ ସର୍ବଭାଷା କବି ସମ୍ମିଳନୀ ଆଜି ରାତି ୧୦ଟାରେ ଆକାଶବାଣୀର ସମସ୍ତ ନେଟୱର୍କରେ ପ୍ରସାରିତ

ହେବ । ଏଥିରେ ଦେଶର ପ୍ରାୟ ୪୦୦ ଜଣ କବି ଗୋଟିଏ ମଞ୍ଚରେ ଏକାଠି ହୋଇ କବିତା ପାଠ କରିବେ ।

୧୯୫୬ ମସିହାରେ ଆରମ୍ଭ ହୋଇଥିବା ସର୍ବଭାଷା କବି ସମ୍ମିଳନୀ ହେଉଛି ସମସ୍ତ ଭାରତୀୟ ଭାଷାର ସମସାମୟିକ କବିତାର ସମନ୍ୱିତ ଉପସ୍ଥାପନା । ଏହି ମଞ୍ଚ ଜରିଆରେ ଜାତୀୟ ଏକତା ଏବଂ ଭାଷାଗତ ସୌହାର୍ଦ୍ଦ୍ୟକୁ ଏକ ସୃଜନଶୀଳ ପରିଚୟ ମିଳିଥାଏ ।

# ଦିଲ୍ଲୀ ମେଟ୍ରୋ ସର୍ଭିସ୍

ଗଣତନ୍ତ୍ର ଦିବସ ସମାରୋହ ଦେଖିବା ପାଇଁ ଜନସାଧାରଣ ଯେଭଳି କର୍ତ୍ତବ୍ୟପଥରେ ପହଞ୍ଚି ପାରିବେ, ସେଥିଲାଗି ଦିଲ୍ଲୀ ମେଟ୍ରୋ ଆସନ୍ତାକାଲି ରାତି ୩ଟାରୁ ସମସ୍ତ ଲାଇନ୍‌ରେ ସେବା ଆରମ୍ଭ କରିବ । ଦିଲ୍ଲୀ ମେଟ୍ରୋ ଅନୁଯାୟୀ ସକାଳ ୬ଟା ପର୍ଯ୍ୟନ୍ତ ପ୍ରତି ୩୦ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିବ । ଅନ୍ୟ ସମୟରେ ସାଧାରଣ ସୂଚୀ ଅନୁଯାୟୀ ଯାତ୍ରା ଜାରି ରହିବ ।

# ନ୍ୟାଶନାଲ୍ ଭୋଟର୍ସ ଡେ

ସାରା ଦେଶରେ ଆଜି ପଞ୍ଚଦଶ ଜାତୀୟ ଭୋଟର ଦିବସ ପାଳିତ ହେଉଛି । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସମେତ ମୁଖ୍ୟ ନିର୍ବାଚନ

କମିଶନରର ଓ ନିର୍ବାଚନ କମିଶନ୍'ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ । ଗତକାଲି ଶେଷ ହୋଇଥିବା ନିର୍ବାଚନ କମିଶନଙ୍କ ଦ୍ୱାରା ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥାର ମୁଖ୍ୟ ଓ ପ୍ରତିନିଧିମାନେ ମଧ୍ୟ ଆଜିର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।

ଚଳିତବର୍ଷ ଜାତୀୟ ଭୋଟର ଦିବସର ବାର୍ତ୍ତା ହେଉଛି **ଭୋଟ୍ ଦେବା ଭଳି ଆଉ କିଛି ନାହିଁ, ମୁଁ ନିଶ୍ଚିତ ଭୋଟ୍ ଦେବି ।** ନିର୍ବାଚନ ପ୍ରକ୍ରିୟାରେ ଅଂଶ ଉପରେ ଗୁରୁତ୍ୱ ଦେବା ଏବଂ ମତଦାତାଙ୍କୁ ସେମାନଙ୍କ ମତାଧିକାର ବ୍ୟବହାର ପାଇଁ ଗର୍ବ ଅନୁଭବ କରିବାକୁ ଉତ୍ସାହିତ କରିବା ଏହି ଦିବସର ଉଦ୍ଦେଶ୍ୟ ।

ଆଜିର ମୁଖ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିର୍ବାଚନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରିବେ ।

# ଇଡି ରେଡ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଟୋରେସ୍ ଜୁଏଲାରୀ ଚଳାଉଥିବା ପ୍ଲାଟିନମ୍ ହର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଜାଲିଆତି ନିବେଶ କରାଯାଇଥିବା ଅଭିଯୋଗରେ ମୁମ୍ବାଇ ଏବଂ ଜୟପୁରର ୧୩ଟି ସ୍ଥାନରେ ଚଢ଼ାଉ କରିଛି । ଅଳଙ୍କାର ଏବଂ ରତ୍ନପଥରରେ ନିବେଶ ଉପରେ ସାପ୍ତାହିକ ୨ରୁ ୯

ପ୍ରତିଶତ ଲାଭ ଦେବାକୁ ପ୍ରତିଶ୍ରୁତି ଦେଇ କମ୍ପାନୀ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ ହୋଇଥିଲା। ଆପତ୍ତିଜନକ ଦସ୍ତାବିଜ୍, ଡିଜିଟାଲ ପ୍ରମାଣ ଏବଂ ୧୩ କୋଟିରୁ ଅଧିକ ଟଙ୍କାର ସନ୍ଦେହଜନକ କାରବାର ଠାବ ହେବା ପରେ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟରୁ ୨୧ କୋଟି ୭୫ ଲକ୍ଷ ଟଙ୍କା ଜବତ କରାଯାଇଛି । ଏହି  ଅଭିଯୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଆବାସିକ ପରିସରରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି ।

# ବୈଷ୍ଣବ ଡାଭୋସ୍

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତ ପ୍ରତି ବିଶ୍ୱ ଆକୃଷ୍ଟ ହେବାର ଦୁଇଟି ପ୍ରମୁଖ କାରଣ ହେଉଛି ବିଶ୍ୱାସ ଓ ପ୍ରତିଭା । ସ୍ୱୀଜରଲ୍ୟାଣ୍ଡ୍‌ର ଡାଭୋସ୍‌ଠାରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ତ ବାଧାବିଘ୍ନ ଏବଂ ସମସ୍ୟା ସତ୍ତ୍ୱେ ଭାରତ ବୌଦ୍ଧିକ ସମ୍ପତ୍ତି ଅଧିକାରକୁ ଅଗ୍ରାଧିକାର ଦେଉଛି । ସେ କହିଛନ୍ତି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମେତ ସମସ୍ତଙ୍କ ପାଇଁ ଅଭିବୃଦ୍ଧି ଏବଂ ସାମଗ୍ରିକ ବିକାଶ ନିମନ୍ତେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେ କହିଛନ୍ତି ଦେଶରେ ବୈଷୟିକ ଜ୍ଞାନକୌଶଳ, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା ଏବଂ ଗବେଷଣା କ୍ଷେତ୍ରରେ ନିବେଶକମାନେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

# ଇସ୍ରାଏଲ୍-ହମାସ୍ ଏକ୍ସଚେଞ୍ଜ

ଇସ୍ରାଏଲ୍ ସହ ଗାଜା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ହମାସ୍ ଆଜି ମୁକ୍ତ ହେବାକୁ ଥିବା ୪ ଜଣ ଇସ୍ରାଏଲ୍ ମହିଳା ବନ୍ଧକଙ୍କ ନାମ ପ୍ରକାଶ କରିଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀରେ କାର୍ଯ୍ୟରତ ୨୦ବର୍ଷୀୟ କାରିନା ଆରିଭ୍, ଡାନିଏଲା ଗିଲବୋଆ, ନାମାଲେଭି ଏବଂ ୧୯ ବର୍ଷୀୟ ଲିରି ଅଲ୍‌ବାଗ୍ ମୁକ୍ତ ହେବେ । ୨୦୨୩ମସିହା ଅକ୍ଟୋବର ୭ ତାରିଖରେ ହମାସ୍ ସୀମାପାର ଆକ୍ରମଣ କରିବା ପରେ ଇସ୍ରାଏଲ୍‌ର ନାହାଲ ଓଜ ବେସ୍‌ରୁ ଏହି ୪ ଜଣ ସୈନିକଙ୍କୁ ବନ୍ଦୀ କରି ନିଆଯାଇଥିଲା ।ଚୁକ୍ତି ଅନୁଯାୟୀ ଆଗାମୀ ଦିନରେ ଇସ୍ରାଏଲ୍ ଜେଲ୍‌ରୁ ୧୮୦ ଜଣ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରାଯିବ । ଗତ ରବିବାର ଅସ୍ତ୍ରବିରତି ଲାଗୁ ହେବା ପରେ ଦ୍ୱିତୀୟଥର ପାଇଁ ଆଜି ୪ ଜଣ ବନ୍ଦୀଙ୍କୁ ମୁକ୍ତ କରାଯାଉଥିବା ବେଳେ ପ୍ରଥମ ଅଦଳବଦଳରେ ୩ ଜଣ ବନ୍ଧକ ଓ ୯୦ ଜଣ କଏଦୀଙ୍କୁ ମୁକ୍ତ କରାଯାଇଥିଲା ।

ଇସ୍ରାଏଲ୍ କେଉଁ ବନ୍ଦୀମାନଙ୍କୁ ମୁକ୍ତ କରିବ, ତାହା ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ମୁକ୍ତ ହେବାକୁ ଥିବା ବନ୍ଦୀମାନଙ୍କ ତାଲିକା ମିଳିଥିବା କୁହାଯାଇଛି । ଇସ୍ରାଏଲ୍ ଓ ହମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଶତାଧିକ ପାଲେଷ୍ଟାଇନ୍ ବନ୍ଦୀଙ୍କ ବଦଳରେ ଆସନ୍ତା ୬ ସପ୍ତାହ ମଧ୍ୟରେ ୩୩ ଜଣ ବନ୍ଧକଙ୍କୁ ମୁକ୍ତ କରାଯିବ ।

# କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି ।

ଗତ ବୁଧବାର କୋଲକାତାରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ' ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା ।

# ହକି

ମହିଳା ହକି ଇଣ୍ଡିଆ ଲିଗ୍‌ରେ ସୁର୍‌ମା ହକି କ୍ଲବ ୪-୨ ଗୋଲ୍‌ରେ ଶ୍ରାଚି ରାର୍ ବେଙ୍ଗଲ୍ ଟାଇଗର୍ସକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଆସନ୍ତାକାଲି ରାଞ୍ଚିରେ ସୁର୍‌ମା ହକି କ୍ଲବ ଓ ଓଡ଼ିଶା ୱାରିଅର୍ସ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ୫-୩ ଗୋଲ୍‌ରେ କଳିଙ୍ଗ ଲାନ୍ସର୍ସକୁ ପରାସ୍ତ କରିଛି । ଆଜି ସନ୍ଧ୍ୟା ୬ଟାରେ ତାମିଲନାଡୁ ଡ୍ରାଗନ୍ସ ଓ ଟିମ୍ ଗୋନାସିକା ମଧ୍ୟରେ ଏବଂ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଓ ୟୁପି ରୁଦ୍ରାସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍‌ରେ ଇଷ୍ଟ୍‌ବେଙ୍ଗଲ ଏଫ୍‌ସି ୨-୧ ଗୋଲ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ପରାସ୍ତ କରିଛି । ଆଜି ଗୋଆରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏଫ୍‌ସି ଗୋଆ ଏବଂ ଚେନ୍ନାଇ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।